# ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,ଅନୁଗୋଳ

ବିଜ୍ଞାପନ ସଂଖ୍ୟା: ୬୪୩ ତା ୦୩/୦୬/୨୦୨୫

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଅନୁଗୋଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅନ୍ତର୍ଗତ ଖାଲି ପଡିଥିବା ନିମ୍ନ ଅଙ୍ଗନୱାଡୀ କେନ୍ଦ୍ରରେ ଅଙ୍ଗନୱାଡୀ ସହାୟିକା ନିୟୋଜନ ନିମନ୍ତେ ସମ୍ପୃକ୍ତ କେନ୍ଦ୍ର ଅଞ୍ଚଳ ର ମହିଳା ପ୍ରାର୍ଥିନୀ ମାନଙ୍କଠାରୁ ONLINE PORTAL ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଇଚ୍ଛୁକ ମହିଳା ପ୍ରାର୍ଥୀନୀ ମାନେ **ତା.୦୪.୦୭.୨୦୨୫ରିଖ ଠାରୁ ତା ୧୮.୦୭.୨୦୨୫** ରିଖ ସୁଧା ୱେବସାଇଟ **http//:engagement. Awc.odisha online** କୁ ଯାଇ **ପବ୍ଲିକ login ରେ registration** କରିବେ ଓ ପାରା-"ଖ" ରେ ଲିଖିତ ସମସ୍ତ ପ୍ରମାଣପତ୍ର ସହିତ ନିଜର ଦସ୍ତଖତ upload କରି ନିର୍ଦ୍ଧାରିତ ତାରିଖ ମଧ୍ୟରେ ଆବେଦନ କରିପାରିବେ ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ । ନିମ୍ନରେ ଖାଲି ପଡିଥିବା ଅଙ୍ଗନୱାଡୀ କେନ୍ଦ୍ରର ବିବରଣୀ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ପଂଚାୟତ ର ନାମ | ଖାଲି ପଡିଥିବା ଅଙ୍ଗନୱାଡୀ କେନ୍ଦ୍ରର ନାମ | ଅଙ୍ଗନବାଡି କେନ୍ଦ୍ର କେଉଁ ଗ୍ରାମକୁ ନେଇ ଗଠିତ/ କେଉଁ ଗ୍ରାମ ବା ସାହି ରୁ ଦରଖାସ୍ତ ଗ୍ରହଣ କରାଯିବ | ପଦବୀ |
|---|---|---|---|---|
| ୧ | ବଡକନ୍ତକୁଳ | ମାଟିଆସାହି | **ମାଟିଆସାହି** (ଘର ସର୍ଭେ ନଂ ୦୦୧- କୁନି ସାହୁ ଙ୍କ ଠାରୁ ଘର ସର୍ଭେ ନଂ୧୦୦ – ଦୀନବନ୍ଧୁ ସାହୁ ) | ଅଙ୍ଗନୱାଡୀ ସହାୟିକା |
| ୨ | ତଳଗଡ | ରୁଗୁଡିଆପଡା | **ରୁଗୁଡିଆପଡା** (ଘର ସର୍ଭେ ନଂ ୦୦୧- ବିଚିତ୍ର ନାଏକ ଙ୍କ ଠାରୁ ଘର ସର୍ଭେ ନଂ୧୧୮ – ଚିତ୍ତରଞ୍ଜନ ଦେହୁରୀ ) | ଅଙ୍ଗନୱାଡୀ ସହାୟିକା |
| ୩ | ଟାଇଁସି | ଟୁଲୁକା | **ଟୁଲୁକା** (ଘର ସର୍ଭେ ନଂ ୦୦୧- ପ୍ରମୋଦ ଯାନୀ ଙ୍କ ଠାରୁ ଘର ସର୍ଭେ ନଂ୦୪୨ – ସଞ୍ଜୟ ସାମ୍ବଲଙ୍କ) ଓ **ଅସନବାହଲ** (ଘର ସର୍ଭେ ନଂ ୦୦୧- ତିଭୁ ପ୍ରଧାନ ଙ୍କ ଠାରୁ ଘର ସର୍ଭେ ନଂ୦୪୮ – ପାପୁନ ସାହୁ ) | ଅଙ୍ଗନୱାଡୀ ସହାୟିକା |
| ୪ | ମାଣିକଯୋଡି | କୃଷ୍ଣଚକ୍ରଗଡ | କୃଷ୍ଣଚକ୍ରଗଡ (ଘର ସର୍ଭେ ନଂ ୦୦୧- ଦୃଷ ବେହେରା ଙ୍କ ଠାରୁ ଘର ସର୍ଭେ ନଂ୦୯୨ – ଗଣେଶ୍ୱର ସାହୁ ) | ଅଙ୍ଗନୱାଡୀ ସହାୟିକା |
| ୫ | ମୁନିସିପାଲିଟି | ଜବରଦସ୍ତପଡା | ଜବରଦସ୍ତପଡା (ଘର ସର୍ଭେ ନଂ ୦୦୧- ପ୍ରବୀଣ ବାରିକଙ୍କ ଠାରୁ ଘର ସର୍ଭେ ନଂ୧୬୭ – ଚିତ୍ତରଞ୍ଜନ ସ୍ୱାଇଁ) | ଅଙ୍ଗନୱାଡୀ ସହାୟିକା |

**(କ) ଆବେଦନ ନିମନ୍ତେ ଯୋଗ୍ୟତା**

ସହାୟିକା ପଦବୀ ନିମନ୍ତେ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ ।

୧. ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡୀ କେନ୍ଦ୍ରର ପରିସର ଭୁକ୍ତ ଅଞ୍ଚଳ ର ହୋଇଥିବେ ଓ ଅଙ୍ଗନୱାଡୀ କର୍ମୀଙ୍କ ପାଇଁ ଗ୍ରହଣୀୟ ହୋଇଥିବେ ।

୨. ପ୍ରାର୍ଥିନୀ ଙ୍କର ବୟସ ତା (୦୧.୦୧.୨୦୨୫ ରିଖ) ସୁଧା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୩. ପ୍ରାର୍ଥିନୀ ଙ୍କର ଶିକ୍ଷା ଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ ପାସ (+୨) ହୋଇଥିବା ଆବଶ୍ୟକ ।

୪. ଆଦିବାସୀ/ ହରିଜନ/ ଅନାଥ/ ବିଧବା/ ଆଇନଗତ ଭାବେ ଛାଡପତ୍ର ପାଇଥିବା ଓ ସ୍ୱାମୀ ପରିତ୍ୟକ୍ତ। ମହିଳାଙ୍କ କ୍ଷେତ୍ରରେ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ ।

୫. ସହାୟିକା ଚୟନ ପାଇଁ ପ୍ରାଥିନୀଙ୍କର ଓଡିଆ ବିଷୟରେ ଜ୍ଞାନ ଥିବା ବାଧ୍ୟତାମୂଳକ ଅଟେ । ପ୍ରାର୍ଥିନୀ ଓଡିଆ ପଢିବା ,ଲେଖିବା ଓ କହିବା ନିଶ୍ଚିତ ସକ୍ଷମ ଥିବେ। ପ୍ରାର୍ଥିନୀ ମାଧ୍ୟମିକ ସ୍କୁଲ ପରୀକ୍ଷା ରେ ଓଡିଆ ଏକ ବିଷୟ ନେଇ ପାସ କରିଥିବେ , କିମ୍ବା ଉଚ ମାଧମିକ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓଡିଆ ମାଧ୍ୟମରେ ପାସ କରିଥିବେ।

୬. ସହାୟିକା ପିଲାମାନଙ୍କୁ ଖାଦ୍ୟ ରାନ୍ଧିବା ଏବଂ ପରିବେଷଣ କରିବାକୁ ଇଚ୍ଛୁକ ଥିବେ ଏବଂ ଅଙ୍ଗନୱାଡୀ କେନ୍ଦ୍ରରେ ପରିଚାଳନା ହେଉଥିବା ଦୈନନ୍ଦିନ କାର୍ଯ୍ୟକ୍ରମରେ ଅଙ୍ଗନୱାଡୀ କର୍ମୀଙ୍କୁ ସାହାଯ୍ୟ କରିବେ ।

୭.ସମ୍ପୃକ୍ତ ଅଙ୍ଗନୱାଡୀ କେନ୍ଦ୍ରର ଅଞ୍ଚଳ ରେ ବସବାସ କରୁଥିବା ଆଦିବାସୀ /ହରିଜନ/ପଛୁଆ ବର୍ଗ ଲୋକସଂଖ୍ୟା କୁ ଆଧାର କରାଯାଇ ଅଧିକ ସଂଖ୍ୟକ ଜାତି ବର୍ଗ ର ବ୍ୟକ୍ତି କୁ ଚୟନ ସମୟରେ ପ୍ରାଧାନ୍ୟ ଦିଆଯିବ।

୮ . ପ୍ରାଥିନୀ କୌଣସି ନିର୍ବାଚିତ ଲୋକ ପ୍ରତିନିଧି ପଦବୀରେ ଅବସ୍ଥାପିତ ନଥିବେ ।

**ଖ) ଆବଶ୍ୟକୀୟ ପ୍ରମାଣପତ୍ର (ସମସ୍ତ ପ୍ରମାଣପତ୍ର ର ଅବିକଳନକଲ ସଂଲଗ୍ନ କରିବେ ।**

୧. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଓ ମାର୍କସିଟ ର ଆଗପଛ ।

୨. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ଆବେଦନ ସମୟକୁ ମିଶାଇ ତହସିଲଦାରଙ୍କ ଠାରୁ ୧ ବର୍ଷ ମଧ୍ୟରେ )

୩. ଜାତିଗତ ପ୍ରମାଣ ପତ୍ର (ତହସିଲଦାରଙ୍କ ଠାରୁ)
୪. ପ୍ରାର୍ଥିନୀ ନିଜ ଦସ୍ତଖତ, ଆଧାର କାର୍ଡ, ବର୍ତ୍ତମାନର ପାସପୋର୍ଟ ସାଇଜର ଫଟୋଗ୍ରାଫ, ନିଜ ଗ୍ରାମର ଅଙ୍ଗନୱାଡୀ କର୍ମୀଙ୍କ ଠାରୁ ନିଜ ଗୃହର ସର୍ଭେ ନମ୍ବର ବୁଝି ଅନଲାଇନ ରେ ଅପଲୋଡ କରିବେ ।
୫.ବିଧବା, ସ୍ଵାମୀ ପରିତ୍ୟକ୍ତା, ଅସହାୟ ମହିଳା, ଭିନ୍ନକ୍ଷମ, ଉଚ୍ଚଶିକ୍ଷା ପ୍ରମାଣପତ୍ର ।

**ବି. ଦ୍ର. ସମସ୍ତ ଆନୁସଙ୍ଗିକ ପ୍ରମାଣପତ୍ରର ନକଲ (Self Attested Copy ) Online ଫର୍ମରେ Upload କରିବେ । କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦସ୍ତଖତ ଗ୍ରହଣ କରାଯିବ ନାହିଁ ।**

ଅସମ୍ପୂର୍ଣ୍ଣ ତଥା ଆବଶ୍ୟକ ପ୍ରମାଣପତ୍ର ଅପଲୋଡ ହୋଇନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।ପ୍ରାପ୍ତ ହୋଇଥିବା ସମସ୍ତ online ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ । ଏଣୁ ନିଜର ମୂଳ ପ୍ରମାଣପତ୍ର ଗୁଡିକ ସହ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା ୧୯ .୦୬ .୨୦୨୫ ରିଖ ସମୟ ପୂର୍ବାହ୍ନ ୧୦.୩୦ଘଟିକା ରୁ ଅପରାହ୍ନ ୦୨ ଘଟିକା ମଧରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ କମିଟି ଦ୍ଵାରା ହେଉଥିବା ଯାଞ୍ଚ ପ୍ରକିୟାରେ ଭାଗ ନେବେ ନଚେତ, ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଖାରଜ ହୋଇଥିବା କିମ୍ବା କାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା ଅନଲାଇନ ୱେବସାଇ **http//engagement-awc.odisha.gov.in** ମାଧମରେ ପ୍ରକାଶ କରାଯିବ । ଯଦି କୌଣସି ଆବେଦନକାରୀଙ୍କ ଅଭିଯୋଗ ଥାଏ, ସେମାନେ public login ମାଧମରେ ଦାଖଲ କରିପାରିବେ । ସମସ୍ତ ପ୍ରକ୍ରିୟା ଅନଲାଇନ ୱେବସାଇ **http//engagement-awc.odisha.gov.in** ମାଧମରେ ହେବ ।

ଅଙ୍ଗନୱାଡୀ ସହାୟିକା ସରକାରୀ ପଦବାଚ୍ୟ ନହୋଇ ଏହା ଏକ ସ୍ଵେଚ୍ଛାସେବୀ ପଦବୀ ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକ ସେବା ନିମନ୍ତେ ଉଦ୍ଧିଷ୍ଟ ହୋଇଥିବାରୁ, ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମାର ବ୍ୟବସ୍ଥା ନାହିଁ କିମ୍ବା ନିୟମିତ ସରକାରୀ ଚାକିରୀ ନୁହେଁ । ତେଣୁ ଓଡିଶା ସରକାରଙ୍କ ଓ. ଆର. ଭି. ନିୟମ ୧୯୭୫ କିମ୍ବା ସଂସ୍ଥାନ ନିୟୋଜନ ଆଇନ, ଏହି କ୍ଷେତ୍ରରେ ଲାଗୁ ନାହିଁ କିମ୍ବା ସରକାରୀ ପଦବାଚ୍ୟ ହେବ ବୋଲି ଦାବି କରିପାରିବେ ନାହିଁ ।

ସରକାରଙ୍କ ନିୟମାନୁଯାୟୀ ମାସିକ ହାରରେ ପାରିଶ୍ରମିକ ଦିଆଯାଇଥାଏ ଯାହାକି ବର୍ତ୍ତମାନ ସ୍ଥଳେ ମାସକୁ ୫୦୦୦/- ଟଙ୍କା ଦିଆଯାଉଛି । ଜଣେ ପ୍ରାର୍ଥିନୀ ଥରେ ମନୋନୀତ ହୋଇ ଅଙ୍ଗନୱାଡୀ ସହାୟିକା ଭାବରେ କାର୍ଯ୍ୟ କରିବାକୁ ନିୟୋଜିତ ହେଲେ ସେ ସାଧାରଣତଃ ୬୦ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିପାରିବେ । କୌଣସି ସମୟରେ କୌଣସି କେନ୍ଦ୍ର ଯଦି ବିସ୍ଥାପିତ ହୁଏ ତେବେ ସହାୟିକା ଙ୍କ ପଦବୀ ରଦ୍ଦ କରାଯାଇପାରେ।

୦୩/୦୬/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ

ପରିପତ୍ର ସଂଖ୍ୟା ୫୪୪ ତା ୦୩/୦୬/୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ଅନୁଗୋଳ-ତଥା-ଅଧକ୍ଷ-ସମନ୍ଵିତ ଶିଶୁ ବିକାଶ ପ୍ରକଳ୍ପ, ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅନୁଗୋଳ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୦୩/୦୬/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ

ପରିପତ୍ର ସଂଖ୍ୟା ୫୪୫ ତା ୦୩/୦୬/୨୦୨୫

ଏହାର ଏକକିତା ନକଲ ବ୍ଳକ ଶିକ୍ଷା ଅଧିକାରୀ, ଅନୁଗୋଳ /ବ୍ଳକ ଚିକିସ୍ଥା ଅଧିକାରୀ ,ବନ୍ତଲା / ଚିକିସ୍ଥା ଅଧିକାରୀ ,ହୁଲୁରିସିଙ୍ଗା ,ଅନୁଗୋଳ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୦୩/୦୬/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ

ପରିପତ୍ର ସଂଖ୍ୟା ୫୪୬ ତା ୦୩/୦୬/୨୦୨୫

ଏହାର ଏକକିତା ନକଲ ସରପଞ୍ଚ, ବଡକନ୍ତକୁଳ / ତଳଗଡ/ ଟାଇଁସି/ ମାଣିକଯୋଡି ଗ୍ରାମ ପଞ୍ଚାଯତ ଓ କାଉନସେଲର ୱାର୍ଡନଂ୨୦ / ସମ୍ପୃକ୍ତ ମହିଳା ସ୍ଵାସ୍ଥ୍ୟ କର୍ମୀ (ଏ. ଏନ.ଏମ) / ସମ୍ପୃକ୍ତ ମଣ୍ଡଳ ପରିଦର୍ଶୀକା/ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ସମ୍ପୃକ୍ତ ଅଙ୍ଗନୱାଡୀ କେନ୍ଦ୍ର ର ୩ ଗୋଟି ମୁଖ୍ୟ ସ୍ଥାନ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୦୩/୦୬/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଅନୁଗୋଳ